## ଫେରାର ଅଭିଯୁକ୍ତ ଗିରଫ

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ଥାନା ପୋଲିସ ମଙ୍ଗଳବାର ଜଣେ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କାକୁଡିଆ ଗ୍ରାମର ରଞ୍ଜନ ମହାପାତ୍ର। ତଦନ୍ତକାରୀ ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ୨୦୦୬ ମସିହାରେ ଚୋରି ଘଟଣାକୁ ନେଇ ମାମଲା ହୋଇଥିଲା। କୋର୍ଟ ଜିଆର କେସ ନଂ.୮୪୫/୨୦୦୬ ଗିରଫ ପରୱାନାକୁ ନେଇ ଅଭିଯୁକ୍ତ ରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଢେଙ୍କାନାଳ ଲକ୍ଷ୍ମୀ ପୂଜା


ଢେଙ୍କାନାଳ ସହରର କାଞ୍ଚନ ବଜାର ଲକ୍ଷ୍ମୀ ମେଢ଼।


ଢେଙ୍କାନାଳ ସହରର ଜବାହାରଚୌକ ଲକ୍ଷ୍ମୀ ମେଢ଼।

# ଜାତୀୟସ୍ତରରେ ସ୍ୱୀକୃତି ପାଇଁ ଉଦ୍ୟମ ହେଉ


ଗଣେଶ ବଜାର ହୀରକ ଜୟନ୍ତୀ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୩୧।୧୦(ରତନ ନାୟାର)

ପ୍ରସିଦ୍ଧ ଲକ୍ଷ୍ମୀପୂଜା ଢେଙ୍କାନାଳର ଗଣପର୍ବ। ଏହି ପୂଜା ଉତ୍ସବ ରାଜ୍ୟ ସମେତ ଜାତୀୟସ୍ତରରେ ମଧ୍ୟ ପ୍ରସିଦ୍ଧ। ତେଣୁ ଏହି ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବକୁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ପ୍ରଦାନ ଜରୁରୀ ହୋଇଛି। ଏଥିପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଉଦ୍ୟମ କରିବା ସହିତ ସମସ୍ତେ ସହଯୋଗ କରନ୍ତୁ। ଢେଙ୍କାନାଳ ଗଣେଶ ବଜାର ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ହୀରକ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହା କହିଛନ୍ତି। ଏଥିସହ ଢେଙ୍କାନାଳର ପ୍ରସିଦ୍ଧ ବରାକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଶୃଙ୍ଖଳିତ ଭାବେ ପୂଜା ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗ ଦେଇଥିଲେ। ପୂଜା ପ୍ରତିଷ୍ଠାନର ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପ୍ରଦାନ କରିଥିଲେ। ସଭାପତି ବସନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାପରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। କଣ୍ଠଶିଳ୍ପୀ ପ୍ରଶାନ୍ତ ପାଢୀ, ସୁଧାକର ମିଶ୍ର, ମାନସୀ ପାତ୍ର, ଦୀପ୍ତିମୟୀ ଦାସ ଓ ତ୍ରିଭୁବନ ଭଜନ ପରିବେଷଣ କରିଥିଲେ। ଭଜନ କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ।

### ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀ ପୂଜା

## ଅନୁଗୋଳ ଲକ୍ଷ୍ମୀ ପୂଜା


ଅନୁଗୋଳ ବସ୍‌ଷ୍ଟାଣ୍ଡ ପୂଜା କମିଟି।


ଅନୁଗୋଳ ଡେଲି ମାର୍କେଟ।


ଅନୁଗୋଳ ହରିମହୁରୀ ଛକ।


ଅନୁଗୋଳ ସଞ୍ଜୀବନୀ ମାର୍କେଟ ଲକ୍ଷ୍ମୀ ମେଢ଼।

# ଲୌହ ମାନବୀ ଥିଲେ ଇନ୍ଦିରା


କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୩୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀମନ୍ଦିର ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଇନ୍ଦିରା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁରେଶଚନ୍ଦ୍ର ପାଣିଗ୍ରାହୀ, ସୁବାସିନୀ ମହୁକୁଡ, ପ୍ରେମ ଶଙ୍କର ମିଶ୍ର, ମୁଖପାତ୍ର ନିର୍ମଳ ମିଶ୍ର, ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ ପ୍ରମୁଖ ଇନ୍ଦିରା ଜଣେ ଲୌହ ମାନବୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ଗୋପାଳଚନ୍ଦ୍ର ସାହୁ, ନିଶାକର ସାହୁ, ଟାଉନ କଂଗ୍ରେସର ମହମ୍ମଦ ହାଇଦର, ନକୁଳ ପରିଡା, ବିଜୟ କୁମାର ସ୍ୱାଇଁ, ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ରୁମିନା ବେଗମଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିବା ମୁଖପାତ୍ର ନିର୍ମଳ ମିଶ୍ର ଜଣାଇଛନ୍ତି।

## ଓଡ଼ିଶା ଖୋଖୋ ଦଳରେ ଢେଙ୍କାନାଳ ଖେଳାଳି

ଢେଙ୍କାନାଳ, ୩୧।୧୦(ରତନ ନାୟାର)



ଗୋଆରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ଖୋଖୋ ଦଳ ଅଂଶଗ୍ରହଣ କରିବ। ଢେଙ୍କାନାଳ ଜିଲା କାଣ୍ଡବିନ୍ଧା ଗ୍ରାମର ଚନ୍ଦନ କୁମାର ସାହୁ ଏଥିପାଇଁ ମନୋନୀତ ହୋଇ ଓଡିଶା ଦଳରେ ସାମିଲ ହୋଇଛନ୍ତି। ଦଳରେ ଟେକ୍ନିକାଲ୍ ଅଫିସିଆଲ ଭାବେ ସରିତା ବିଶ୍ୱାଳ ମନୋନୀତ ହୋଇଛନ୍ତି। ଚନ୍ଦନ ସାହୁ, ସତ୍ୟରଞ୍ଜନ ସ୍ପୋର୍ଟସ୍ ଏକାଡେମୀର କୋଚ୍ ରଞ୍ଜନ ସାହୁଙ୍କ ଅଧୀନରେ ଖୋଖୋ ଅଭ୍ୟାସ କରୁଥିଲେ। ଏକାଡେମୀ ସଭାପତି ସତ୍ୟବାନ ପାତ୍ର, ସାଧାରଣ ସମ୍ପାଦକ ରଞ୍ଜନ ସାହୁ ଏବଂ ସମସ୍ତ ଖେଳାଳି ଚନ୍ଦନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଓଡ଼ିଶା ଦଳରେ ଭଲ ପ୍ରଦର୍ଶନ କରିବାକୁ ଆଶା ପ୍ରକାଶ କରିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱ

ଢେଙ୍କାନାଳ,୩୧।୧୦
(ରତନ ନାୟାର)


ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଢେଙ୍କାନାଳ ସଦର ମହକୁମାସ୍ଥିତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟଠାରେ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଢେଙ୍କାନାଳରେ ବିଶ୍ୱ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଦେଖିବା ପାଇଁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଯେପରି ହଇରାଣ ନ ହେବେ ରାସ୍ତାରେ ଥିବା ଖାଲଖମାକୁ ମରାମତି କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାସ୍ତରରେ ମଧ୍ୟ ସଚେତନତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ କମିଟିର ସଦସ୍ୟ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପିଆଜ ଦର ବୃଦ୍ଧିକୁ ନେଇ ଚଢ଼ାଉ

ଢେଙ୍କାନାଳ,୩୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଯୋଗାଣ ବିଭାଗ ତରଫରୁ ମଙ୍ଗଳବାର ପିଆଜ ଗୋଦାମ ଓ ଖୁଚୁରା ଦୋକାନଗୁଡିକରେ ଚଢାଉ କରାଯାଇଥିଲା। ଅସାଧୁ ଉପାୟରେ ପିଆଜ ମହଜୁଦ ରଖି କଳାବଜାର କରୁଥିବା ଅଭିଯୋଗ ଆସିବା ପରେ ଏହି ଚଢାଉ ହୋଇଥିଲା। ଏଥିସହିତ ଉପଖଣ୍ଡସ୍ତରରେ ମଧ୍ୟ ଉପଜିଲାପାଳ, ଯୋଗାଣ ଅଧିକାରୀ ଓ ଫୁଡ ଇନ୍ସପେକ୍ଟରମାନେ ଚଢାଉ କରିଛନ୍ତି। ପିଆଜ ଗୋଦାମର ମାଲିକଙ୍କ ସହିତ ଆଲୋଚନା କରି ଦର ନିର୍ଦ୍ଧାରଣ କରାଯାଇଛି। ସମସ୍ତ ଖର୍ଚ୍ଚକୁ ଦୃଷ୍ଟିରେ ରଖି ହୋଲସେଲ ବେପାରିମାନେ କିଲୋ ପିଛା ଦର ୫୫ ଟଙ୍କା ଏବଂ ଖୁଚୁରା ବେପାରିମାନେ ୬୦ ଟଙ୍କାରେ ବିକ୍ରି କରିବେ। ଏହାଠାରୁ ଅଧିକ ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରବର୍ତ୍ତୀ ସମୟରେ ମୂଳଦର କମିଲେ ସେହି ଅନୁସାରେ ହୋଲସେଲ ଦର ଓ ଖୁଚୁରା ଦର ହ୍ରାସପାଇବ ବୋଲି ଜଣାଇଛନ୍ତି। ବୈଠକରେ ଜିଲା ବେସାମରିକ ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା ଓ ଆନନ୍ଦ ବଜାରର ପିଆଜ ହୋଲସେଲ ବ୍ୟବସାୟୀମାନେ ଉପସ୍ଥିତ ଥିଲେ।


ପିଆଜ ଦର ନିୟନ୍ତ୍ରଣ ନେଇ ଅନୁଷ୍ଠିତ ବୈଠକ।

# ଦୁର୍ନୀତି ବିରୋଧୀ ଲଢ଼େଇ ଜାରି ରଖିବାକୁ ଆହ୍ୱାନ


ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ଢେଙ୍କାନାଳ ଶାଖାର ସଦସ୍ୟମାନେ।

ଢେଙ୍କାନାଳ,୩୧।୧୦(ରତନ ନାୟାର)

ଓଡ଼ିଶା ଦୁର୍ନୀତିସଂଘର୍ଷମଞ୍ଚ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ଢେଙ୍କାନାଳ ବସଷ୍ଟାଣ୍ଡଠାରେ ଏକ ଷ୍ଟଲ ମାଧ୍ୟମରେ ଜନସଚେତନା କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ କରାଯାଇଛି। ଦୁର୍ନୀତି, ଭ୍ରଷ୍ଟାଚାର, ନିଶା ସେବନ, ନାରୀ ନିର୍ଯାତନା ଏବଂ ସାଇବର ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ପାଇଁ ପ୍ରତ୍ୟେକ ଜନସାଧାରଣଙ୍କୁ ଆହ୍ୱାନ ସହ ସଚେତନ କରାଯାଉଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଯୋଗଦେଇ ଏହି ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଶାଖା ସଭାପତି ଅଜୟ କୁମାର ମିଶ୍ର ସଭାପତିତ୍ୱ କରି ଓଡ଼ିଶାରୁ ଦୁର୍ନୀତି, ଭ୍ରଷ୍ଟାଚାର ହଟାଇବା ପାଇଁ ଲଢେଇ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସରୋଜ ଶତପଥୀ ନିଶା ସେବନ ବିରୋଧରେ ଏବଂ ସୌନ୍ଦର୍ଯ୍ୟାର ଅଧ୍ୟକ୍ଷା ସ୍ମିତାରାଣୀ ସାମଲ ସମାଜରୁ ନାରୀ ନିର୍ଯାତନା ଦୂର କରିବାକୁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ରୁଦ୍ର ପ୍ରକାଶ ସରଣ, ତାରପ୍ରଶନ୍ନ ଶତପଥୀ, ରମେଶ ଚନ୍ଦ୍ର ଦାସ, ଲୁଲୁ କାନୁନ୍‌ଗୋ ଏବଂ ଗଁଦିଆ ଶାଖାର ଡମ୍ବରୁଧର ସେଠୀ, କାମାକ୍ଷା ପ୍ରସାଦ ବିହାରୀ ଏବଂ ଭୁବନ ଶାଖାର ପ୍ରଶାନ୍ତ ଦ୍ୱିବେଦୀ, ନବୀନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆସନ୍ତା ୭ତାରିଖ ଲକ୍ଷ୍ମୀପୂଜା ଶେଷ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଚାଲୁରହିବ।

# ୨୩ ମଣ୍ଡପରେ ବିରାଜିଛନ୍ତି ମା'

ଢେଙ୍କାନାଳ,୩୦।୧୦(ରତନ ନାୟାର)

### ଲକ୍ଷ୍ମୀପୂଜା ପାଇଁ ଦୁଲୁକୁଛି ଇନ୍ଦିପୁର

ଲକ୍ଷ୍ମୀ ପୂଜା ପାଇଁ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି। ଚଳିତବର୍ଷ ୨୩ ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। କୁମାର ପୂର୍ଣ୍ଣିମା ଠାରୁ ୯ଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହେଉଛି। ବଉଳ ଛକ, ବସ୍‌ଷ୍ଟାଣ୍ଡ, ତେରଘରିଆ, ତନ୍ତିସାହି, ମଠସାହି, ଚନ୍ଦନ ମଣ୍ଡପ ସାହି, ଘଣାଶାଳ ସାହି, ଲୁଣି ଗ୍ରାମର ୱାର୍ଡ ନଂ-୧, ବଡ଼ଦାଣ୍ଡ, କଲେଜ ଛକ, ହାଇସ୍କୁଲ ଛକ, ଉପର ନୂଆସାହି, ଶବର ସାହି, ବରଷ ଘରିଆ, ବ୍ରଦର୍ସ କ୍ଲବ, ଗୋଲେଡନ ଷ୍ଟାର, ରାଜପୃଷ୍ଟି ମେଢ, ତାରେଣୀ ମଣ୍ଡପ, ଶାନ୍ତି ଛକ, ବଢେଇ ସାହି, ଖଣ୍ଡିଆବନ୍ଧ ସାହି, ଜୁଆଙ୍ଗ ସାହି ଆଦିରେ ଧୁମଧାମରେ ପୂଜା ଅନୁଷ୍ଠିତ ହେଉଛି। ପୂଜା ସହ ପଡ଼ିଥିବା ମିନାବଜାର, ଫାଷ୍ଟଫୁଡ, ଚାଟ, ଗୁପଚୁପ, ଦୋଳି, ବେଲୁନ ଆଦି ଲୋକମାନଙ୍କୁ ଆକର୍ଷିତ କରିଛି। ରଙ୍ଗିନ ଆଲୋକମାଳାରେ ଇନ୍ଦିପୁର ଇନ୍ଦ୍ରପୁରୀ ଭଳି ସଜେଇ ହୋଇଛି।



# ବସ୍ ଲାଗି ଆଲୋକମାଳା ଛିଣ୍ଡିଲା, ଉତ୍ତେଜନା

ଢେଙ୍କାନାଳ,୩୧।୧୦(ରତନ ନାୟାର)

ଅନୁଗୋଳରୁ ଢେଙ୍କାନାଳ ଦେଇ କଟକ ଯାଉଥିବା ଏକ ବସ୍ ଲାଗି ଯିବାରୁ ଢେଙ୍କାନାଳ ମିନାବଜାର ଅଞ୍ଚଳରେ ଲକ୍ଷ୍ମୀ ପୂଜା ଉତ୍ସବ ପାଇଁ ସଜା ହୋଇଥିବା ଆଲୋକ ମାଳା ଛିଣ୍ଡି ଯାଇଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତିବାଦରେ ଅଞ୍ଚଳବାସୀ ଓ ପୂଜା ପ୍ରତିଷ୍ଠାନ ସଦସ୍ୟମାନେ ବସ୍‌କୁ ଅଟକ ରଖି ରାସ୍ତାରୋକୋ କରିଥିଲେ। ଖବରପାଇ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପହଞ୍ଚି ବୁଝାଶୁଝା କରିଥିଲେ। କ୍ଷତିପୂରଣ ପ୍ରଦାନ ପାଇଁ ଆଲୋଚନା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।



ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶପଥପାଠ

ଢେଙ୍କାନାଳ,୩୧।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟଠାରେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗଦେଇ ସମସ୍ତ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ଶପଥପାଠ କରାଇଥିଲେ। ଦେଶରେ ଏକତା, ସଂହତି ବଜାୟ ରଖିବାକୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ଏକତା ଦିବସ ଭାବେ ପାଳନ କରାଯାଉଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରାଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ରହି ଶପଥ ପାଠରେ ସାମିଲ ହୋଇଥିଲେ।


ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶପଥପାଠ

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼

ଢେଙ୍କାନାଳ,୩୧।୧୦(ରତନ ନାୟାର)



ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଢେଙ୍କାନାଳ ସହରରେ ଅନୁଷ୍ଠିତ ଗଣଦୌଡ଼ରେ ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାମାନେ।

ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯିବା ସହିତ 'ରନ୍ ଫର୍ ୟୁନିଟି' ଗଣଦୌଡ ମଙ୍ଗଳବାର ଆୟୋଜନ କରାଯାଇଛି। ସକାଳ ୭ଟାରୁ ଢେଙ୍କାନାଳର ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା, କଲେଜ, ସ୍କୁଲ ଛାତ୍ରୀଛାତ୍ର, ସ୍ଥାନୀୟ ଜନସାଧାରଣ ଓ ଭାଜପାର କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରୁ ଗଣଦୌଡ଼ରେ ବାହାରି ବସ୍‌ଷ୍ଟାଣ୍ଡ ଗୋଲେଇ ଛକ, କୋର୍ଟ ଛକ, ବଳରାମ ମନ୍ଦିର, ଗଣେଶ ବଜାର ଦେଇ ଷ୍ଟାଡିୟମ୍‌କୁ ଫେରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ନଗରପାଳ ଜୟନ୍ତୀ ପାତ୍ର ଓ ପୂର୍ବତନ ନଗରପାଳ ସୁନୀଲ ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଜିଲା ମିଡିଆ ସେଲ୍ ପ୍ରଭାରୀ ନବକିଶୋର ଗୁରୁ, ଯୁବମୋର୍ଚ୍ଚା ଜିଲା ସଭାପତି ଏମ୍‌ଜେ ମହିମା, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରଞ୍ଜନ ଭୂୟାଁ, ରମ୍ୟରଞ୍ଜନ ମହାପାତ୍ର, ବିସ୍ତାରକ ଅମୃତ ପାଣି, ନଗରମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ସାଧାରଣ ସମ୍ପାଦକ ବିକାଶ ସାହୁ, ଉପସଭାପତି ଦୀପକ ପଟ୍ଟନାୟକ, ଦେବାଶିଷ ମିଶ୍ର, ସୁଚିତ୍ର ବେହେରା, ଅନିମେଶ ଚାନ୍ଦ, ରାଜେନ୍ଦ୍ର ବେହେରା, ବିକାଶ ଫାଉଣ୍ଡେଶନ ଟ୍ରଷ୍ଟର ଅଧିକାରୀ ଓ ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ଓ ସଦସ୍ୟମାନେ ଭାଗ ନେଇଥିଲେ।

## ଜମି ଜାଲିଆତି, ଥାନାରେ ମାମଲା

**ଛେଣ୍ଡିପଦା,୩୧।୧୦(ଅଜିତ ଧଳ)**

ଛେଣ୍ଡିପଦା ଥାନା ପୋଡାପଡା ଗ୍ରାମ ଜଙ୍ଗଲ ମୌଜାର ଏକ ଜମିକୁ ଜାଲିଆତି କରି ହଡ଼ପ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ତୁରଙ୍ଗ ଗ୍ରାମର ମୁକେଶ ଅଗ୍ରୱାଲଙ୍କ ଛେଣ୍ଡିପଦା ତହସିଲ ଅଧୀନ ପୋଡାପଡା ଜଙ୍ଗଲ ମୌଜାରେ ଥିବା ଜମିକୁ ୨୦୧୭ରେ ବାଗଡିଆ ଗ୍ରାମର ସରୋଜ ବେହେରା ଓ ପାତ୍ରପଡା ଗ୍ରାମର ଭକ୍ତ ସାହୁ ଜାଲିଆତି କରି ବିକ୍ରି କରି ଦେଇଥିଲେ। ଏ ନେଇ ମୁକେଶ ଜାଣିବା ପରେ ଜମି କ୍ରେତାଙ୍କୁ ଜମି ଫେରାଇବ ପାଇଁ କହିବାରୁ କ୍ରେତାଙ୍କ ସ୍ୱାମୀ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏ ନେଇ ମୁକେଶ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ଦୌଡି ନିରାଶ ହେବା ପରେ ଗତ ଏପ୍ରିଲ ୨୭ରେ ଥାନାରେ ଅଭିଯୋଗ କରିଥିଲେ। ସେଠାରୁ ସୁଫଳ ନ ମିଳିବାରୁ ଜିଲା ଆରକ୍ଷୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପାଇଁ ଅରକ୍ଷୀ ଅଧିକାରୀ ଛେଣ୍ଡିପଦା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୋଲିସ ନଂ. ୪୬୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ସଂଘମିତ୍ରା ଶତପଥୀ ପ୍ରକାଶ କରିଛନ୍ତି।

# ଲୌହମାନବଙ୍କ ନୀତି, ଆଦର୍ଶ ଉପରେ ଆଲୋକପାତ



ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର, ଯୁବକ ଓ ବୁଦ୍ଧିଜୀବୀମାନେ ଶପଥପାଠ କରୁଛନ୍ତି।

**ଭୁବନ,୩୧।୧୦(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନରେ ମଙ୍ଗଳବାର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନର ଜାତୀୟ ସେବା ଯୋଜନା, ନେହେରୁ ଯୁବ ସଙ୍ଗଠନ, ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହା ଭୁବନ ହନୁମାନ ମନ୍ଦିର ନିକଟରୁ ବାହାରି କାଳୀଜାର, ନୂଆଜାର, ଗଣେଶ ବଜାର, ଗୁଜୁରାଟ, ହନୁମାନ ଛକ, ବଡ଼ଦାଣ୍ଡ ଓ ଜଗନ୍ନାଥ ମନ୍ଦିର ଛକ ଦେଇ ବୁଦ୍ଧେଶ୍ୱର ଶୈବପୀଠରେ ପହଞ୍ଚିଥିଲା। ଏଥିରେ ବାଜିରାଉତ କଲେଜ, ମହିଳା କଲେଜ, ନୂଆଭୁବନ ଉଚ୍ଚ ବିଦ୍ୟାଳୟ, ଭୁବନ ଉଚ୍ଚ ବିଦ୍ୟାଳୟ, କାମାକ୍ଷାନଗର ଓ ଭୁବନର ବିଭିନ୍ନ ଯୁବ ସଙ୍ଗଠନ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ଉପସ୍ଥିତ ଛାତ୍ରୀଛାତ୍ର, ଯୁବକ ଓ ବୁଦ୍ଧିଜୀବୀମାନେ ଶପଥ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଏବିଭିପିର ପୂର୍ବତନ ରାଜ୍ୟ ସଭାପତି ଦିଲୀପ କୁମାର ଦାସ, ଢେଙ୍କାନାଳ ଲୋକ ସଭା କ୍ଷେତ୍ରର ସଂଯୋଜକ ପ୍ରେମାନନ୍ଦ ଜେନା ଯୋଗଦେଇ ବଲ୍ଲଭଭାଇ ପଟେଲଙ୍କ ନୀତି, ଆଦର୍ଶ ଓ ଦେଶପ୍ରେମ ସମ୍ପର୍କରେ ଅବଗତ କରାଇଥିଲେ। କାମାକ୍ଷାନଗର ମଣ୍ଡଳର ଶିଶିରକାନ୍ତ ନାୟକ, ଅଜୟ ଷେଣ୍ଢ, ଅଜୟ ରାଉତ, ପ୍ରସାଦ ସେଠୀ, ଚନ୍ଦନ ବେହେରା, ଭୁବନ ଭାଜପା ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା, ଚୈତନ୍ୟ ବେହେରା, ସଞ୍ଜୟ ଦାସ, ସମଗ୍ର ସାହୁ, ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ସଦସ୍ୟ ନିରଞ୍ଜନ ଗୁରୁ, ରଞ୍ଜିତ ସାହୁ, ମହିଳା କଲେଜ ଜାତୀୟ ସେବା ଯୋଜନାର କୋଅର୍ଡିନେଟର ନିରଞ୍ଜନ ନାୟକ ଓ ନେହେରୁ ଯୁବ ସଙ୍ଗଠନ ଓ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବିଭିନ୍ନ ଯୁବ ସଙ୍ଗଠନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଦେଶର ଅଖଣ୍ଡତା ପାଇଁ ସାମୂହିକ ଶପଥ

**ତାଳଚେର,୩୧।୧୦(ମନୋଜ ନନ୍ଦ)**

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ, ନେହେରୁ ଯୁବ କେନ୍ଦ୍ର ଓ ଏନ୍‌ଏସ୍‌ଏସ୍‌ର ପକ୍ଷରୁ ତାଳଚେରଠାରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଳଚେର ଦେଉଳବେଡା ଗ୍ରୀନ ଗ୍ରାସ ଷ୍ଟାଡିୟମରେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଯୋଗଦେଇ ଶତାଧିକ ନାଗରିକ, ଛାତ୍ରୀଛାତ୍ର, ସାମାଜିକ କର୍ମୀଙ୍କୁ ଜାତୀୟ ଏକତା ଓ ଅଖଣ୍ଡତାର ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ। ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲ ଯୋଗଦେଇ ଏହି କାର୍ଯ୍ୟକ୍ରମ ଆଗାମୀ ପିଢିକୁ ଦେଶର ଏକତା ଓ ଅଖଣ୍ଡତାର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁପ୍ରାଣିତ କରିବ ବୋଲି କହିଥିଲେ। ଭାଜପା ନେତା ଯଯାତି ପଟ୍ଟନାୟକ, ବୀରଞ୍ଚି ପାଣିଙ୍କ ସମେତ ଶତାଧିକ ଜନସାଧାରଣ ଏହି ଗଣଦୌଡ଼ରେ ସାମିଲ ହୋଇ ତାଳଚେର ସହର ପରିକ୍ରମା କରିଥିଲେ।



ତାଳଚେରଠାରେ ଅନୁଷ୍ଠିତ ଗଣଦୌଡ଼ କାର୍ଯ୍ୟକ୍ରମ।

## ଟାଙ୍ଗରରେ ଗଜଲକ୍ଷ୍ମୀ ପୂଜା

**କାମାକ୍ଷାନଗର,୩୧।୧୦(ଅମଜାଦ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବୁଢ଼ିବିଲି ପଞ୍ଚାୟତ ଟାଙ୍ଗର ଗାଁରେ ଗଜଲକ୍ଷ୍ମୀ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ସୁନ୍ଦର ସାଜସଜା, ଆଲୋକତୋରଣ ଏବଂ ମା'ଙ୍କ ପୂଜାରେ ଉତ୍ସବମୁଖର ହୋଇଉଠିଛି ସମଗ୍ର ଗ୍ରାମ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ସହ ରାତିରେ ପ୍ରସାଦସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନଙ୍କୁ ଆକର୍ଷିତ କରୁଛି। ଆସନ୍ତା ଗୁରୁବାର ମା'ଙ୍କ ମହାପୂଜା ସହିତ ସାର୍ବଜନୀନ ଅନ୍ନପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଛି। ଗ୍ରାମର ଚନ୍ଦ୍ରଶେଖର ନାୟକ, ଅଭୟ ମହାରଣା, କୃଷ୍ଣଚନ୍ଦ୍ର ବେହେରା, ବିଶ୍ୱନାଥ ବେହେରା, ପ୍ରକାଶ ବେହେରା, ଅଜୟ ବାରିକ, ବିଚିତ୍ରାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ମୁଖ୍ୟପୁରୋଧା ଅନ୍ତର୍ଯ୍ୟାମୀ ହୋତାଙ୍କ ପୌରୋହିତ୍ୟରେ ବ୍ରଜବନ୍ଧୁ ବେହେରା କର୍ତ୍ତା ଭାବେ ପୂଜା ପରିଚାଳନା କରୁଛନ୍ତି। ଶିଳ୍ପୀ ବାସୁଦେବ ଓଝାଙ୍କ ଦ୍ୱାରା ନିର୍ମିତ ମା'ଙ୍କ ପ୍ରତିମା ବେଶ ଆକର୍ଷଣୀୟ ହୋଇଛି।



# ରାଷ୍ଟ୍ରର ଏକତା ପାଇଁ ଶପଥପାଠ



ଗଣଦୌଡ଼ରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

**ପରଜଙ୍ଗ,୩୧।୧୦(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିକାଶ ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ଲରେନ ରାଉତରାୟ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ ଯୋଗ ଦେଇଥିଲେ। ପ୍ରଥମେ ଅତିଥି ଦ୍ୱୟ ପରଜଙ୍ଗ ବଜାରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ମହେଶ ଚନ୍ଦ୍ର ସୁବାହୁସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ପରେ ପତାକା ଦେଖାଇ ଏହି ଗଣ ଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ଼ରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଯୁବକମାନେ ସାମିଲ ହୋଇଥିଲେ। ଗଣଦୌଡ଼ ମହେଶଚନ୍ଦ୍ର ସୁବାହୁ ସିଂହଙ୍କ ପ୍ରତିମୂର୍ତ୍ତିଠାରୁ ଆରମ୍ଭ ହୋଇ ପରଜଙ୍ଗ ଷ୍ଟାଡିୟମଠାରେ ଶେଷ ହୋଇଥିଲା। ସେଠାରେ ଡିଏସ୍‌ପି ଲରେନ ରାଉତରାୟ ଉପସ୍ଥିତ ରହି ଯୁବତୀଯୁବକମାନଙ୍କୁ ରାଷ୍ଟ୍ରର ଏକତା ପାଇଁ ଶପଥ ପାଠ କରାଇ ଥିଲେ।

## ଦେଶୀ ବିହନ ପ୍ରଦର୍ଶନ

**କାମାକ୍ଷାନଗର,୩୧।୧୦(ସୁଧୀର କୁମାର ପରିଡା)**

କଙ୍କଡାହାଡ଼ ବ୍ଲକ ସଦର ମହକୁମା ଠାରେ ମଙ୍ଗଳବାର ଆଇସିଆଇ ତରଫରୁ ଦେଶୀ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କାମାକ୍ଷାନଗର ସହକାରୀ ଜିଲାପାଳ ଦୀପକ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଦେଶୀ ବିହନ ପ୍ରଦର୍ଶିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଆଇସିଆଇର ପରିଚାଳକ ପ୍ରବୋଧ କୁମାର ମହାନ୍ତି, ଜିଲା ପରିଚାଳକ ଆସୁତୋଷ ପଣ୍ଡା, କଙ୍କଡାହାଡ଼ ସରପଞ୍ଚ ଅନୁସୂୟା ସାହୁ, ଗ୍ରାମ ସଭାପତି ପ୍ରକାଶ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ବହୁ ଚାଷୀ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

## ନାବାଳିକାଙ୍କ ଅଶ୍ଳୀଳ ଫଟୋ ଛାଡ଼ିବା ଅଭିଯୋଗ

**ଅନୁଗୋଳ, ୩୧।୧୦ (ଅମିତ କୁମାର ସାମଲ)**

ସୋସିଆଲ ମିଡିଆରେ ଫେକ୍ ଆକାଉଣ୍ଟ ଖୋଲି ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଛଡ଼ାଯାଇଥିବା ନେଇ ଅନୁଗୋଳ ସାଇବର ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସାଇବର ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୨୪/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ନାବାଳିକା ଜଣଙ୍କ ସୋସିଆଲ ମିଡିଆର (ଇଷ୍ଟାଗ୍ରାମ)ରେ ଏକ ଆକଉଣ୍ଟ ଖୋଲିଛନ୍ତି। ତେବେ ସେହି ନାମରେ ଅନ୍ୟ ଏକ ଆକାଉଣ୍ଟ ଖୋଲାଯାଇ ନାବାଳିକାଙ୍କ ଅଶ୍ଳିଳ ଫଟୋ ଲଗାଯାଇଛି। ଏହାକୁ ନେଇ ସେ ସାଇବର ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## 'ଭଗବାନ ନୂଆ ଜୀବନ ଦେଲେ'

**କାମାକ୍ଷାନଗର,୩୧।୧୦(ଅମଜାଦ ଖାନ)**

### ନଦୀ ଟାପୁରେ କାଟିଥିଲେ ମହାବାତ୍ୟା ରାତି

୧୯୯୯ ମସିହା ଅକ୍ଟୋବର ୨୯ ମହାବାତ୍ୟାକୁ ଅତି ନିକଟରୁ ଦେଖିଥିବା ଓ ନୂତନ ଜୀବନ ପାଇଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କୁଷିଆ ଗ୍ରାମର ଗୁରୁଦେବ ରାଉଳଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ପ୍ରଦୀପ ଷେଣ୍ଢ ଏବଂ ଐତିହ୍ୟ ସଂସ୍କୃତି ପ୍ରଚାରକ ହିମାଦ୍ରି ଦାସ ତାଙ୍କ ବାସଭବନରେ ପହଞ୍ଚି ଗୁରୁଦେବଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଗୁରୁଦେବ କହିଥିଲେ, ମହାବାତ୍ୟା ଦିନ ଛେଳି ଚରାଇବାକୁ ବାଉଁସପାଳ ଗାଁମୁଣ୍ଡ ରାମିଆଳ ନଦୀ ପଠାକୁ ଯାଇଥିଲେ। ନଦୀରେ ଥିବା ଏକ ଟାପୁରେ ଛେଳିପଲ ଚରୁଥିବା ବେଳେ ବାତ୍ୟା ମାଡ଼ି ଆସିଥିଲା। ସେହି ଟାପୁରେ ହିଁ ସେ ଛେଳିମାନଙ୍କ ସହ ବାତ୍ୟା ରାତି ବିତାଇଥିଲେ। ପରଦିନ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିଥିଲେ। ଭଗବାନଙ୍କ ଆଶୀର୍ବାଦରୁ ସେ ନୂଆ ଜୀବନ ପାଇଥିଲେ ବୋଲି ଗୁରୁଦେବ ପ୍ରକାଶ କରିଛନ୍ତି।



ଗୁରୁଦେବ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମଦ ପାଇଁ ଟଙ୍କା ନ ଦେବାରୁ କାମୁଡ଼ିଦେଲେ

**ଅନୁଗୋଳ, ୩୧।୧୦ (ଅମିତ କୁମାର ସାମଲ)**

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ାରେ ଏକ ଅଭାଭବନୀୟ ଘଟଣା ଦେଖିବାକୁ ମିଳିଛି। ମଦ ପାଇଁ ଟଙ୍କା ନ ଦେବାରୁ ଭାଇକୁ କାମୁଡ଼ିବା ସହ ନିର୍ଘୂମ୍ ମାରିଛନ୍ତି ଭାଇ। ଏ ନେଇ ସୁଶୀଲ ନାଏକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୫୬୬/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସୁଶୀଲ ରାଣୀଗୋଡ଼ାରେ ହେଉଥିବା କୁମାର ପୂର୍ଣ୍ଣିମା ଯାତ୍ରା ଦେଖିବା ସମୟରେ ତାଙ୍କ ମାଉସୀ ପୁଅ ଭାଇ ତାଙ୍କୁ ମଦ୍ୟପାନ ପାଇଁ ୨ ହଜାର ଟଙ୍କା ମାଗିଥିଲେ। କିନ୍ତୁ ସେ ଏହାକୁ ବାରଣ କରିବାରୁ ତାଙ୍କୁ ମାଡ଼ ମାରିବା ସହ ତାଙ୍କୁ କାମୁଡ଼ି ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନବୀନ ଓଡ଼ିଶା, ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର,୩୧।୧୦(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ସାରଙ୍ଗଧର ଷ୍ଟାଡିୟମସ୍ଥିତ ଅଡିଟୋରିୟମ ହଲ୍‌ଠାରେ ମଙ୍ଗଳବାର ନବୀନ ଓଡ଼ିଶା ଓ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ୮ରେ ସାରଙ୍ଗଧର ଷ୍ଟାଡିୟମଠାରେ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ଯୋଡ଼ି ହେବେ। ଏହି କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତରୁ ୪୦୦ ଲେଖାଏ କର୍ମକର୍ତ୍ତା ଉପସ୍ଥିତ ରହିବେ। ସେହିପରି ଆଗାମୀ ୧୭, ୧୮ ଓ ୧୯ ତାରିଖରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ଓ ଏନ୍‌ଏସିର ସକ୍ରିୟ ସଭ୍ୟଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଉପାଧ୍ୟକ୍ଷା ରଞ୍ଜିତା ବିଶ୍ୱାଳ, ବିଡିଓ ଅଭିଷେକ ପାଣ୍ଡିଆଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଦଳର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**କଣିହାଁ,୩୧।୧୦(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ଏନ୍‌ଟିପିସି ମେଣ୍ଟେନାନ୍ସ କାମରେ ନିଯୁକ୍ତି ଦାବିରେ ପ୍ରମିଳା ନାଏକ ଓ ତାଙ୍କ ପୁଅ ଏନ୍‌ଟିପିସି ମୁଖ୍ୟ ଫାଟକ ସମ୍ମୁଖରେ ଚଳାଇଥିବା ଧାରଣାକୁ ସମର୍ଥନ କରି ମଙ୍ଗଳବାର ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ତେବେ ଆନ୍ଦୋଳନକାରୀ ଠିକାଶ୍ରମିକଙ୍କ ପ୍ରତିନିଧିମଣ୍ଡଳୀ ସହିତ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ଆଲୋଚନା ପରେ ଅପରାହ୍ନ ୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ପ୍ରମିଳା ନାଏକଙ୍କୁ ଠିକାଶ୍ରମିକ ଭାବେ ନିଯୁକ୍ତି ଦେବା, ଅନ୍ୟ ଆବେଦନକାରୀଙ୍କ ନିଯୁକ୍ତିକୁ ତ୍ୱରାନ୍ୱିତ କରିବା, ଠିକାଶ୍ରମିକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ କରିବା ପାଇଁ ଏନ୍‌ଟିପିସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଠିକା ଶ୍ରମିକମାନେ ଆନ୍ଦୋଳନରୁ ଓହରିଥିଲେ। ଏହି ଆନ୍ଦୋଳନରେ ଶ୍ରମିକ ନେତା ଜୟସେନ ମେହେର, ପ୍ରହ୍ଲାଦଚନ୍ଦ୍ର ସାହୁ, ଟୁନା ନାଏକ, ଗନ୍ଧର୍ବ ନାଏକ, ସୁନିଆ ନାଏକ, ପ୍ରତାପ ପ୍ରଧାନ, ପ୍ରଫୁଲ୍ଲ ନାଏକ, ବୀରେନ୍ଦ୍ର ନାଏକ, ସନ୍ତୋଷ ସାହୁ, ଅରୁଣ ନାଏକ, ଚରଣ ସାହୁ, ଦଣ୍ଡଧର ନାଏକ, କଳାକାର ବେହେରା, ମାନସ ସାହୁ, ନୀଳମଣି ସାହୁ, ନରେଶ ପ୍ରଧାନ, ନିତ୍ୟାନନ୍ଦ ବେହେରା, ନାରୀ ନେତ୍ରୀ ପ୍ରଗତି ନାୟକ ପ୍ରମୁଖ ସାମିଲ ଥିଲେ।



ଏନ୍‌ଟିପିସି ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

## ନିଷ୍ଠାର ସହ ଶିକ୍ଷା ଗ୍ରହଣ ପରାମର୍ଶ

**ଆଠମଲ୍ଲିକ,୩୧।୧୦(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ସହରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପୂର୍ବତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକତ୍ରୀକରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପୀତାମ୍ବର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଶ୍ରୀକାନ୍ତ ମହାର ଯୋଗଦେଇ ପୁରାତନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସର୍ବଦା ଏକତା ରହିଲେ ସମାଜ ପାଇଁ ଶୁଭଙ୍କର ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ସମ୍ପାଦକ ଧ୍ରୁବ ଚରଣ ବଡ଼ମାଳୀ, ଉପସଭାପତି କଶ୍ୟପ କ୍ଷେତି, ପୂର୍ବତନ ପରିଚାଳନା କମିଟି ଉପସଭାପତି ପ୍ରାଣବନ୍ଧୁ ମେଣ୍ଡୁଲି ଏବଂ ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହୋତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ଥାର୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅମୃତ କଳସ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗଣଦୌଡ଼ରେ ସାମିଲହେଲେ ୫ଶହ ଛାତ୍ରୀଛାତ୍ର



ଗଣଦୌଡରେ ସାମିଲ ହୋଇଥିବା ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ଛେଣ୍ଡିପଦା,୩୧।୧୦(ଅଜିତ ଧଳ)**

ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟ ନିକଟରେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ, ନେହେରୁ ଯୁବକେନ୍ଦ୍ର, ଜାତୀୟ ସେବା ସଂଘ ଆନୁକୂଲ୍ୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ। ଏହି ଗଣଦୌଡ ପୋଡାପଡା ଉଚ୍ଚ ବିଦ୍ୟାଳୟଠାରୁ ବାହାରି ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ, ଅବସର ପ୍ରାପ୍ତ ସୈନିକ ଗଣେଶ୍ୱର ପ୍ରଧାନ, ଭାଜପା ଜିଲା ଉପସଭାପତି ଚୌଧୁରୀ ପ୍ରଧାନ, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରର ଏକତା, ଅଖଣ୍ଡତା, ଓ ସୁରକ୍ଷା ବଜାୟ ପାଇଁ ଛାତ୍ରୀଛାତ୍ରମାନେ ଶପଥପାଠ କରିଥିଲେ। କରୁଣାକର ବିଶ୍ୱାଳ, ମନୋରଞ୍ଜନ ଆଚାର୍ଯ୍ୟ, ଇନ୍ଦ୍ରମଣୀ ସାହୁ, ଯୁଗଳ କିଶୋର ଦେହୁରୀ, ଜଗଦୀଶ ସାହୁ, କୀର୍ତ୍ତନ ସେନାପତି, ବିକାଶ ସାହୁଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ନଭେମ୍ବରରେ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୩୧।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନଭେମ୍ବର ମାସ ପାଇଁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନଭେମ୍ବର ୬ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ କଣିହାଁ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ୧୩ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ, ୨୦ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ ଓ ୨୮ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଇଛି।

# ୧୪ରୁ ଅନିର୍ଦ୍ଦିଷ୍ଟକାଳ ଯାଏ ଗଣଧାରଣା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ,୩୧।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲାର କୃଷିବହୁଳ କିଶୋରନଗର ଅଞ୍ଚଳର ଚାଷଜମିକୁ ଜଳସେଚିତ କରିବା ପାଇଁ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବିରେ କିଶୋରନଗର ବ୍ଲକ ଅଫିସ ସମ୍ମୁଖରେ ଆସନ୍ତା ୧୪ ତାରିଖଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ। ଅନୁଗୋଳ ଶିକ୍ଷକପଡାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତିପାଠାଗାର ଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଏହି ଘୋଷଣା କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି, ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ୨୦୦୪ ମସିହାରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ମଙ୍ଗଳା କିଷାନ ଏହି ପ୍ରକଳ୍ପର ଶୁଭ ଦେଇଥିଲେ। ୨୦୦୯ ମସିହାରେ ମୁଖ୍ୟମନ୍ତ୍ରୀ ଏଥିପାଇଁ ୬ କୋଟି ଟଙ୍କା ଘୋଷଣା କରିଥିଲେ। ହେଲେ ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ କିଶୋରନଗରସ୍ଥିତ ଜୀବନ ଜୀବିକା ଓ

### ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ଦାବି

କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରାଯାଇଛି। ମୁଖ୍ୟମନ୍ତ୍ରୀ, ଜଳସମ୍ପଦ ମନ୍ତ୍ରୀ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଗଲେ ବାମୁର, ଓସ୍କାପାଲି, ଧଉରାପାଲି, ଜଏରାଟ, କଦଳୀମୁଣ୍ଡା, ରଣିଆକଟା ପଞ୍ଚାୟତର ୧୦ ହଜାର ଏକରରୁ ଅଧିକ ଚାଷଜମି ଜଳସେଚିତ ହୋଇପାରିବ। ତେଣୁ ପ୍ରକଳ୍ପ କାର୍ଯ୍ୟକାରୀ ଦାବିରେ ଆସନ୍ତା ୧୪ ତାରିଖରୁ କିଶୋରନଗର ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି କମିଟି ସଭାପତି ଦୀନବନ୍ଧୁ ପ୍ରଧାନ, ସମ୍ପାଦକ ଅନନ୍ତ ଚରଣ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ରମଣୀରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ଗୌରଚନ୍ଦ୍ର ସାହୁ, ଶ୍ରୀକର ବେହେରା, ଅନାମ ସାହୁ, ବାବାଜୀ ଚରଣ ପ୍ରଧାନ ପ୍ରମୁଖ ଘୋଷଣା କରିଛନ୍ତି।

# ୨୬ରୁ ବୋଇତ ବନ୍ଦାଣ ମହୋତ୍ସବ

ଅନୁଗୋଳ,୩୧।୧୦(ଅମିତ କୁମାର ସାମଲ)

ଅନୁଗୋଳର ସର୍ବପୁରାତନ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ପକ୍ଷରୁ ୩୮ ତମ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨୬ରୁ ସଭାଘରଠାରେ ଆୟୋଜନ କରାଯିବ। ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୋଇତ ବନ୍ଦାଣ ମହୋତ୍ସବ ପାଳନ ଅବସରର ପ୍ରଥମ ଦିନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗଭାରୋ, ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ ଆଦି ପ୍ରତିଯୋଗିତା କରାଯିବ। ୨୭ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରର ପାରମ୍ପରିକ ବୃନ୍ଦଗାନ, ବୋଇତ ବନ୍ଦାଣ ନୃତ୍ୟ ନାଟିକା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିସହ ଜିଲା ଓ ରାଜ୍ୟର କଳାପ୍ରତିଭା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବା ସହ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ପ୍ରସ୍ତୁତି ବୈଠକରେ କଳାକାର ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ବୀରେନ୍ଦ୍ର ପ୍ରଧାନ, ବୈରାଗୀ ଚରଣ ମଲ୍ଲିକ, ପ୍ରଶାନ୍ତ ରଥ, ଅନିତା ସିଂଦେଓ, ରୁଚିର କୁମାର ବରାଳ, ଅଶ୍ୱିନୀ ଦଳ ବେହେରା, ଅନିତା ରାଜଗୁରୁ, ସନ୍ତୋଷ ନାୟକ, ଅନିଲ ସ୍ୱାଇଁ, ଅଜୟ ସାହୁ, ଅଭୟ ତ୍ରିପାଠୀ, ପ୍ରଦୀପ୍ତ ଭୂତିଆ, ରଞ୍ଜନ ପାତ୍ର, ବିଷ୍ଣୁ ମହନ୍ତ, ପିନାକୀ ସିଂ, ସଞ୍ଜୀବ ନାଥ, ମନୋଜ ପାଳ ପ୍ରମୁଖ ଉପସ୍ଥିତ ରହିଥିଲେ।



ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

# ଏନ୍‌ଏସ୍‌ଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ବଇଣ୍ଡା,୩୧।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ନିରଞ୍ଜନ ଦାସ, ସୁମିତ୍ରା ସାଇଁ, ସୁଧାକର ସାହୁ ପ୍ରମୁଖ ଯୋଗ ଦେଇ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରୋଗ୍ରାମ ଅଫିସର ଲିପୁ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟକ୍ଷ, ଅଧ୍ୟାପକ ଓ ଅନ୍ୟମାନେ।

# ଶପଥ ନେଲେ ଜିଲା କାର୍ଯ୍ୟାଳୟ କର୍ମଚାରୀ



ଅନୁଗୋଳ ଜିଲା କାର୍ଯ୍ୟାଳୟ ପରିସରରେରେ ଅନୁଷ୍ଠିତ ଶପଥପାଠ କାର୍ଯ୍ୟକ୍ରମ।

ଅନୁଗୋଳ,୩୧।୧୦
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ସହ ନିଜକୁ ଦେଶ ପ୍ରତି ସମର୍ପିତ କରିବା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନେଇ ଅତିରିକ୍ତ ଜିଲାପାଳ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

# ବସ୍ ମାଲିକ ସଂଘର ସ୍ୱନକ୍ଷତ୍ର ଦିବସ

ଅନୁଗୋଳ,୩୧।୧୦(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବସ୍ ମାଲିକ ସଂଘର ସ୍ୱନକ୍ଷତ୍ର ଦିବସ ଏବଂ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ କାର୍ଯ୍ୟାଳୟର ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହ ଯାତ୍ରୀ ପରିବହନ କ୍ଷେତ୍ରରେ ଘରୋଇ ବସ୍ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ 'ବସୁଧା' ଯୋଜନା ଉପଦେଷ୍ଟା ଦିନେଶ ପ୍ରଧାନ ଯୋଗ ଦେଇଥିଲେ। ବସ୍ ମାଲିକ ସଂଘ ସଭାପତି ମାନସ ସାମଲ, ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ଉପସଭାପତି କଲ୍ଲୋଳକାନ୍ତ ସାହୁ ଓ କୋଷାଧ୍ୟକ୍ଷ ଉପେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବସ୍ ମାଲିକ ସଂଘ କାର୍ଯ୍ୟାଳୟର ଗୃହ ପ୍ରବେଶ।

# 'ଶ୍ରେଷ୍ଠ ଭାରତ' ଗଠନ କରିପାରିବେ ଛାତ୍ର ସମାଜ




କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ, ବିଚାରକ ସହ କୃତୀ ପ୍ରତିଯୋଗୀମାନେ।

ଅନୁଗୋଳ,୩୧।୧୦
(ଅମିତ ସାମଲ)

ଅନୁଗୋଳ ସରକାରୀ ସ୍ୱୟଂଶାସିତ କଲେଜରେ ଆନ୍ତଃମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଦୁର୍ନୀତି ନିବାରଣ ବିଭାଗ ଓ କଲେଜ ଯୁବ ରେଡକ୍ରସ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାକୁ କଲେଜ ଅଧ୍ୟକ୍ଷ ଗଙ୍ଗାଧର କର ଉଦ୍‌ଘାଟନ କରିବା ସହ ଛାତ୍ର ସମାଜ ହିଁ ଦୁର୍ନୀତିକୁ ସମୂଳେ ଧ୍ୱଂସ କରି 'ଶ୍ରେଷ୍ଠ ଭାରତ' ଗଠନ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ଜିଲାର ବିଭିନ୍ନ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଆସିଥିବା ପ୍ରତିଯୋଗୀମାନେ ସେମାନଙ୍କ ବକ୍ତୃତା ମାଧ୍ୟମରେ ନୈତିକତା ଓ ସାଧୁତାର ବାର୍ତ୍ତା ଦେଇଥିଲେ। ବିଚାରକ ଭାବେ ଅଧ୍ୟାପିକା ହେମଲତା ନାୟକ, ଅଧ୍ୟାପକ ରାକେଶ ବେହେରା, ଲକ୍ଷ୍ମୀନାରାୟଣ ନନ୍ଦ ଉପସ୍ଥିତ ଥିଲେ। ଯୁବ ରେଡକ୍ରସର ପରାମର୍ଶଦାତା ଶାଶ୍ୱତୀ ଶୁଭଦର୍ଶିନୀ, ଅନସୂୟା ମିଶ୍ର, ମନୀଷା ମାଝି ସଂଯୋଜନା କରିଥିଲେ।

# ଅବକାରୀ ଚଢ଼ାଉ, ୨ ଗିରଫ

ବଇଣ୍ଡା,୩୧।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର କିଶୋରନଗର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ମହୁଲି ମଦ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ସାହାଜବାହାଲି ଗ୍ରାମରେ ଚଢ଼ାଉ କରାଯାଇ ବିପିନ ମୁଣ୍ଡାଙ୍କ ଘରୁ ୧୦ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ଉର୍ବଶୀ ମୁଣ୍ଡାଙ୍କ ଘରୁ ୧୨ ଲିଟର ଚୋରା ମହୁଲି ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢାଉ କରିଥିଲେ।

# 'ପାଠକର ରୁଚି ଅନୁଯାୟୀ ସାହିତ୍ୟ ରଚନା କରାଯାଉ'

ଅନୁଗୋଳ,୩୧।୧୦(ଅମିତ କୁମାର ସାମଲ)

ପାଠକର ରୁଚି ଅନୁଯାୟୀ କବିତା, ଗଳ୍ପ ଓ ଉପନ୍ୟାସ ଲେଖାଗଲେ ଏହା ଅଧିକ ବୁଦ୍ଧିମନ୍ତ ହେବା ସହିତ ବିଭିନ୍ନ ବର୍ଗଙ୍କ ପାଇଁ ବେଶ୍ ଆଦୃତ ହୋଇପାରିବ। ତାଳଚେର ସ୍ଥିତ ପଞ୍ଚାୟତ ସଭାଘର ଠାରେ ସାହିତ୍ୟ ପତ୍ରିକା ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମାର ତୃତୀୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ଦେବୀ ମିଶ୍ର ଯୋଗଦେଇ ସାହିତ୍ୟର ଭାଷା ଏବଂ ପରିଭାଷା କିପରି ଭାବେ ଉଜ୍ଜୀବିତ ରହିବ ସେଥିପ୍ରତି ସମସ୍ତେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ଯଦୁମଣି ସାହୁ ଅତିଥି ଭାବେ ଯୋଗଦେଇ ଶ୍ୱେତପଦ୍ମାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ପାଦିକା ଅନିତା ପାଣି ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରାବନ୍ଧିକ ପବିତ୍ର ମୋହନ ଦାସଙ୍କୁ ଶ୍ୱେତପଦ୍ମା ପ୍ରବନ୍ଧ ସମ୍ମାନ, ଡ. ମଞ୍ଜୁଲତା ପଣ୍ଡାଙ୍କୁ ଗଳ୍ପ ସମ୍ମାନ ଏବଂ ଓ କବି ପିନାକୀ ମିଶ୍ରଙ୍କୁ କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନିତା ପାଣିଙ୍କ ଦ୍ୱାରା ଲିଖିତ ଦୁର୍ଗାସ୍ତୁତି ପୁସ୍ତକ ଲୋକାର୍ପିତ ହୋଇଥିଲା। ଏଥିରେ ଜିଲା ତଥା ରାଜ୍ୟର ବହୁ କବି, କବିୟିତ୍ରୀ, ଲେଖକ, ପ୍ରାବନ୍ଧିକ ଓ ଗାଳ୍ପିକ ଯୋଗଦେଇଥିଲେ। ଡ. କଳ୍ପନା ବୋଇତି, କଳ୍ପନା ଦାସ, ଲତିକା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ

ବଇଣ୍ଡା,୩୧।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ଧୁଣ୍ଡୀ ଗ୍ରାମ ଲକ୍ଷ୍ମୀ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି ବିଜେଡିର ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନ। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏକ ସଭାରେ ଅତିଥି ଭାବେ ଯୋଗଦେଇ ପ୍ରଧାନ କହିଲେ ଯେ, ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେଣୁ ଲୋକଙ୍କ ସମସ୍ୟା ସମାଧାନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଗ୍ରାମ ସଭାପତି ଦୟାନିଧି ପ୍ରଧାନଙ୍କ ସଭପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁନ୍ଦ ଚନ୍ଦ୍ର ପ୍ରଧାନ, ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ସାହୁ, ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଦୀପ୍ତିମୟୀ ସାହୁ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ସୁନୀଲ କୁମାର ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ପରେ ପ୍ରଧାନ ବଇଣ୍ଡା, ବାଦିବାହାଳ, ଆନନ୍ଦମୁଣ୍ଡା, କିଶୋରନଗର, କଦଳୀମୁଣ୍ଡା, ହଣ୍ଡପାରେ ହୋଇଥିବା ପୂଜା ମଣ୍ଡପଗୁଡିକୁ ବୁଲି ଦେଖିଥିଲେ।



ପୂଜା ମଣ୍ଡପ ପରିଦର୍ଶନ କରୁଛନ୍ତି ବିଜେଡି ନେତା ନଳିନୀ ପ୍ରଧାନ ଓ ଅନ୍ୟମାନେ।

# ଖେଳାଳିଙ୍କ ଡ୍ରେସିଂ ରୁମ ପ୍ରସ୍ତାବ

### ଅନୁଗୋଳ ଜିଲା କ୍ରିକେଟ ସଂଘ କାର୍ଯ୍ୟକାରୀ କମିଟି ବୈଠକ

ଅନୁଗୋଳ,୩୧।୧୦
(ଅମିତ କୁମାର ସାମଲ)

ଅନୁଗୋଳ ଜିଲା କ୍ରିକେଟ ସଂଘ କାର୍ଯ୍ୟାଳୟରେ ସଂଘ କାର୍ଯ୍ୟକାରୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ଭାରତୀୟ କ୍ରିକେଟର ସ୍ପିନ ଯାଦୁକର ବିଶନ ସିଂ ବେଦୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରଯାଇଥିଲା। ପରେ ଜିଲା କ୍ରିକେଟ ସଂଘ ପ୍ରଚେଷ୍ଟାରେ ଜିଲାରୁ ୩ ଜଣ ଖେଳାଳି ଶ୍ରେୟାଂଶ ଭରଦ୍ୱାଜ, ପାନାକାଲା ଶଶାଙ୍କ ଓ ରୋହିତ ପ୍ରଧାନ ରାଜ୍ୟ ତରଫରୁ ୧୯ ବର୍ଷରୁ କମ୍ ଦଳରେ ଓ ୩ ଜଣ ଖେଳାଳି ଶ୍ରେୟାଂଶ ଭରଦ୍ୱାଜ, ରାକେଶ ବିଶାଳ ଓ ମିଳନ ସାମଲ ୨୩ ବର୍ଷ ତାଲିକାରେ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବା ସମ୍ପର୍କରେ ସଭାପତି ସୂଚନା ଦେଇଥିଲେ। ଏହାର ଶ୍ରେୟ ସଂଘର ସମସ୍ତ ସଦସ୍ୟଙ୍କୁ ଦେଇଥିଲେ। ଏଥିସହ କଦମ ପଡିଆକୁ ଖେଳ ଉପଯୋଗୀ କରିବା ନିମନ୍ତେ ପଡିଆର ରକ୍ଷଣା ବେକ୍ଷଣକୁ ଆହୁରି ତ୍ୱରାନ୍ୱିତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ଓଡ଼ିଶା କ୍ରିକେଟ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା କରିବା ନିମନ୍ତେ ଖେଳାଳିଙ୍କ ପାଇଁ ଡ୍ରେସିଂ ରୁମ ଓ ଅନ୍ୟାନ୍ୟ ସୁବିଧା କରାଯିବାକୁ ପ୍ରସ୍ତାବ ରଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସାଗରନାଥ ମିଶ୍ର, ଉପସଭାପତି ପ୍ରଭାତ ସିହ୍ନା ଓ ଅରୁଣ ପୁଷ୍ପାଳକ, ଯୁଗ୍ମସମ୍ପାଦକ ଗଙ୍ଗାଧର ପଟ୍ଟନାୟକ ଓ ସତ୍ୟେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ରଞ୍ଜନ କୁମାର ଧୀରସାମନ୍ତ, କାର୍ଯ୍ୟକାରୀ ସଦସ୍ୟ ସେକ ରଫିକ, ଶିବ ରାଉତ, ସମରେନ୍ଦ୍ର ମିଶ୍ର, ମାୟାଧର ମିଶ୍ର, ବୀରେନ ସାମଲ, ଜଗଦୀଶ ସିଂହ, ତାପସ ମହାନ୍ତି ଓ ସୂର୍ଯ୍ୟ ରାଉତ ଉପସ୍ଥିତ ଥିଲେ।




ଅନୁଗୋଳ ଜିଲା କ୍ରିକେଟ୍ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

